# Akashvani, Sambalpur

## SAMBALPURI NEWS BULLETIN

### 4 February 2026 – 6.47- 6.52 am.

*******************************************

ରାଷ୍ଟ୍ରପତି- ଓଡ଼ିଶା        ଆର୍‌ଏନ୍‌ୟୁ ସମ୍ବଲପୁର୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଉ କିଛି ସମିଆ ଉତ୍‌ରୁ ପୁରୀ ଶ୍ୱେତଗଙ୍ଗା ନ ପିତୃପୁରୁଷଙ୍କୁ ପିଣ୍ଡଦାନ୍ କର୍‌ବେ । ତାର୍ ଉତ୍‌ରୁ ଶ୍ରୀମନ୍ଦିର୍‌କେ ଯାଇକରି ମାହାପୁରୁମାନ୍‌କର୍ ଦର୍ଶନ୍ କର୍‌ବେ । ଏଛେନ୍ ଶ୍ରୀମନ୍ଦିର୍ ନ ଅବକାଶ ନୀତି ଶେଷ୍ ହେଇଥିବାର୍ ବେଲେ ରାଷ୍ଟ୍ରପତିଙ୍କର୍ ଗସ୍ତକେ ନଜର୍‌ଥି ରଖିକରି ସଖାଲର୍ ୬ ବଜେନୁ ସାଧାରଣ୍ ଲୁକ୍‌କର୍ ଦର୍ଶନ୍ ବନ୍ଦ୍ ରହିଛେ ।

ମାହାପୁରୁଙ୍କୁ ଦର୍ଶନ୍ କରିସାରିକରି ରାଷ୍ଟ୍ରପତି ମୟୁର୍‌ଭଞ୍ଜ୍ ଯିବେ । ସେନ ଭଞ୍ଜବୀର ସୁନାରାମ୍ ସୋରେନ୍‌ଙ୍କର୍ ପ୍ରତିମୂର୍ତ୍ତି ଉନ୍ମୋଚନ୍ କର୍‌ବାର୍ ସହେତେ ରାଇରଙ୍ଗ୍‌ପୁର୍ ମହୁଲ୍‌ଡିହା ସର୍‌କାରୀ ବାଳିକା ଉଚ୍ଚ ମାଧ୍ୟମିକ୍ ବିଦ୍ୟାଳୟର୍ ଛାତ୍ରୀମାନ୍‌କାର୍ ସାଙ୍ଗେ ଭାବ୍ ବିନିମୟ କର୍‌ବେ । ଶ୍ରୀମତୀ ମୁର୍ମୁ ସର୍‌କାରୀ ଆୟୁର୍ବେଦ୍ ମେଡ଼ିକାଲ୍ କଲେଜ୍ ଆଉ ହସ୍ପିଟାଲ୍, ଓୟୁଏଟି କେମ୍ପସ୍, ସହର୍ ସୌନ୍ଦର୍ଯ୍ୟୀକରଣ୍ ଆଉ ଅଲ୍‌ଗା ପ୍ରକଳ୍ପମାନ୍‌କର୍ ଲୋକାର୍ପଣ୍ ଆଉ ଶିଳାନ୍ୟାସ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ପରୀକ୍ଷା ପେ ଚର୍ଚ୍ଚା        ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଇ ବଛରର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ଆଏବା ଶୁକ୍ରବାର୍ ଦିନ ପ୍ରସାରିତ୍ ହେବା । ଇତାକେ ଛାତ୍ରଛାତ୍ରୀ ଆଉ ଅଭିବାବକ୍ ମାନେ ଦେଖିବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ । ଇ ବଛରର୍ ଇ କାର୍ଯ୍ୟକ୍ରମ୍ କୋଏମ୍ବାଟୁର୍, ଦେବମୋଗ୍ରା, ରାୟପୁର୍, ଗୌହାଟୀ ଆଉ ଦିଲ୍ଲୀ ନ ହେଇଯାଇଛେ ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ସାମାଜିକ୍ ଗଣମାଧ୍ୟମ୍‌ଥି କହିଛନ୍ । ପରୀକ୍ଷା ଆଘୋନୁ ବିଦ୍ୟାର୍ଥୀ ଆଉ ଅଭିଭାବକ୍‌ମାନେ ଚାପମୁକ୍ତ ଦୃଢ଼ ଆତ୍ମବିଶ୍ୱାସ୍ ଆଉ ମାନସିକ ସ୍ଥିରତାକେ କାଏମ୍ ରଖିବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ପରାମର୍ଶ ଦେଇଛନ୍ ।

ବ୍ଲେକ୍ ସ୍ୱାନ୍ ସମିଟ        I & P R

ରାଜ୍ୟ ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତି ବିଭାଗ୍ ତରଫୁ ଭୁବ୍‌ନେଶ୍ୱର୍ ନ ଆଏବା କାଏଲ୍‌ଠାନୁ ୨ ଦିନିଆ ବ୍ଲେକ୍ ସ୍ୱାନ୍ ସମିଟ୍ ମୁଲ୍ ହେବା । କାର୍ଯ୍ୟକ୍ରମ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ଇ ଅବ୍‌ସରେ ସ୍ୱାସ୍ଥ୍ୟ, ପରିବାର୍ କଲ୍ୟାଣ୍ ଆଉ

ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଆଉ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ପ୍ରମୁଖ ଉପସ୍ଥିତ୍ ରହେବେ ।

ସଚିବସ୍ତରୀୟ ବୈଠକ୍ ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ଖାରବେଲ ଭବନ୍ ସମ୍ମିଲନୀ କକ୍ଷ ନ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଗୁଟେ ସଚିବ ସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଭିନ୍ ଭିନ୍ ପ୍ରସଙ୍ଗ ବାବ୍‌ଦେ ଆଲୋଚନା କରାଯାଇକରି ସେସବୁର୍ କାର୍ଯ୍ୟାନୁଷ୍ଠାନ୍ ଲାଗି ନିର୍ଦ୍ଦେଶ୍ ଆଉ ପରାମର୍ଶ ଦିଆଯାଇଛେ । ୨୦୨୫-୨୬ ଆର୍ଥିକ୍ ବଛ୍‌ରେ ରାଜ୍ୟ ବଜେଟ୍ ଅନୁମୋଦନ୍ ଅନ୍‌ସାରେ ଗଲା ମାସ ୩୧ ତାରିଖ୍‌ତକ୍ ହେଇଥିବା ଖର୍ଚ୍ଚା ଆଉ ରାଜସ୍ୱ ଆଦାୟ ସ୍ଥିତି ସମୀକ୍ଷା କରାଯାଇଥିଲା । ଶିଳ୍ପ, କ୍ରୀଡ଼ା, ବିଜ୍ଞାନ୍ ଆଉ କାରିଗରୀ, ହସ୍ତଶିଳ୍ପ ଆଉ ବୟନଶିଳ୍ପ, ଆଉ ପର୍ଯ୍ୟଟନ୍ ବାଗିର୍ କ୍ଷେତ୍ର ନ ଖାସ୍ ଧ୍ୟାନ୍ ଦିଆଯିବାର୍ ବାବ୍‌ଦେ ବୈଠକ୍‌ଥି ଆଲୋଚନା କରାଯାଇଥିଲା ।

ରାଜ୍ୟ କ୍ରେଡ଼ିଟ୍ ସମିନାର ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ କୃଷି ଆଉ ଗ୍ରାମୀଣ୍ ବିକାଶ୍ ବେଙ୍କ୍ ନାବାର୍ଡ଼ ତର୍ଫୁ ଭୁବ୍ନେଶ୍ୱର୍ ଠାନେ ରାଜ୍ୟ କ୍ରେଡ଼ିଟ୍ ସମିନାର୍-୨୦୨୬-୨୭ ହେଇଯାଇଛେ । ଇ ଅବ୍ସରେ ଆଏବା ଆର୍ଥିକ୍ ବଛର୍ ଲାଗି ଓଡ଼ିଶା ନ ୩ ଲାଖ୍ ୧୫ ହଜାର୍ କୋଟି ଟଙ୍କାର୍ ପ୍ରାଥମିକତା କ୍ଷେତ୍ର ଋଣ ମିଲ୍ବାର୍ ଆକଲନ୍ କରାଯାଇଛେ । କାର୍ଯ୍ୟକ୍ରମ୍ଥି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ସହେତେ ନାବାର୍ଡ଼ର ବରିଷ୍ଠ ପଦାଧିକାରୀମାନେ ଯୋଗ୍ ଦେଇଥିଲେ ।

କ୍ଷେପଣାସ୍ତ୍ର ଆର୍ଏନ୍ୟୁ/ ସମ୍ବଲପୁର

ବାଲେଶ୍ୱର୍ ଚାନ୍ଦିପୁର୍ ନ ଥିବା ପ୍ରତିରକ୍ଷା ଗବେଷଣା ସଂଗଠନ୍ - ଡିଆର୍ଡିଓ ତର୍ଫୁ ସଲିଡ୍ ଫୁଏଲ୍ ଡକ୍ଟେଡ୍ ରାମ୍ଜେଟ୍ କ୍ଷେପଣାସ୍ତ୍ରର୍ ଗଲାକାଏଲ୍ ସଫଲ୍ ପରୀକ୍ଷଣ୍ କରାଯାଇଛେ । ଇ ସଫଲତା ସହେତେ ପ୍ରତିରକ୍ଷା କ୍ଷେତ୍ରଥି ଅତ୍ୟାଧୁନିକ୍ ଜ୍ଞାନ୍କୌଶଲ୍ ଆଉ ପ୍ରଯୁକ୍ତିବିଦ୍ୟାକେ ବେଭାର୍ କରିକରି ମୁଖିଆ ରାଷ୍ଟ୍ର ତାଲିକାଥି ଭାରତ୍ ସାମିଲ୍ ହେଇଛେ । ଇ ପରୀକ୍ଷଣ୍ ଜରିଏ ଦୀର୍ଘ ଦୂରଗାମୀ ଏୟାର୍ ଟୁ ଏୟାର୍ କ୍ଷେପଣାସ୍ତ୍ର ବିକାଶ୍ କର୍ବାର୍ଥି ଭାରତ୍ ସଫଲ୍ ହେବା ବଲି ଡିଆର୍ଡିଓ ତର୍ଫୁ କୁହାଯାଇଛେ ।

ବିଶ୍ୱ କର୍କଟ୍ ଦିବସ ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ କର୍କଟ ଦିବସ୍ । ମିଲିତ ଆନ୍ତର୍ଜାତୀୟ କର୍କଟ ରୋଗ ନିୟନ୍ତ୍ରଣ ସଂଘ ତର୍ଫୁ ଫି ବଛର୍ ଆଝିର୍ ଦିନ୍‌କେ ବିଶ୍ୱ କର୍କଟ ଦିବସ୍ ଭାବେ ପାଲନ୍ କରାଯାଉଛେ । କର୍କଟ ରୋଗ ବାବ୍‌ଦେ ଲୋକ୍‌ମାନ୍‌କୁ ଜନାବାର୍ ସହେତେ ଇ ରୋଗ୍‌ର ମାରାତ୍ମକ ପ୍ରଭାବ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍‌ଟା ଇ ଦିବସ୍ ପାଲନ୍‌ର ଲକ୍ଷ୍ୟ ଆଏ ।  ଇ ବଛର୍ ବିଶ୍ୱ କର୍କଟ ଦିବସ୍‌ର ବାର୍ତା ହେଉଛେ 'ଅନନ୍ୟ ଆଉ ମମ୍ମିଲିତ ପ୍ରୟାସ ଉପଯୋଗ୍‌ଥି କର୍କଟ ରୋଗ୍‌ର ନିରାକରଣ୍' ।

ମଧୁସୂଦନ ଦାସ I&PR

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ଆଏଜ୍ ହଉଛେ ପୂଣ୍ୟ ତିଥି । ଇ ଅବ୍‌ସରେ ସୂଚ୍‌ନା ଆର୍ ଲୋକ ସମ୍ପର୍କ ବିଭାଗ୍ ତର୍ଫୁ ମଧୁସୂଦନ୍ ଦାସଙ୍କର୍ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ୍ ପାଲନ୍ କରାଯିବା । ସଖାଲର୍ ସାଢ଼େ ୮ ବଜେ ଭୁବନେଶ୍ୱର ଲୋକ୍‌ଭବନ୍ ଛକ୍‌ଠାନେ ଥିବା ତାଙ୍କର ପ୍ରତିମୂର୍ତି ନ ଶ୍ରଦ୍ଧାଞ୍ଜଳି ଦିଆଯିବା । ସଞ୍ଜବେଲା ୫ ବଜେ ଲୋକସମ୍ପର୍କ ଭବନ୍ ସମ୍ମିଲନୀ କକ୍ଷ ନ "ଓଡ଼ିଆ ଅସ୍ମିତା ଆଉ ମଧୁବାବୁ" ଶୀର୍ଷକ୍ ଗୁଟେ ଆଲୋଚନା ହେବା ।

ସ୍କୁଲ୍ ଛୁଆ- ୟୁନିଫର୍ମ             ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଶିଶୁ ବାଟିକା ସହେତେ ୧ ନୁ ୮ ଶ୍ରେଣୀତକ୍ ପଢୁଥିବା ସ୍କୁଲ୍ଛାତ୍ରଛାତ୍ରୀମାନ୍କୁ ଫେବୃଆରୀ ୧୫ ତାରିଖ୍ତକ୍ ୟୁନିଫର୍ମ ଦିଆଯିବା । ଇଥିର୍ଲାଗି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍ ଓସେପା ତର୍ଫୁ ସବୁ ଜିଲ୍ଲାର୍ ଶିକ୍ଷାଧିକାରୀମାନ୍କୁ ଚିଠି ଜାରି କରାଯାଇଛେ । ଶିଶୁ ବାଟିକା ନ ପଢୁଥିବା ଛୁଆମାନ୍କର୍ ୟୁନିଫର୍ମ ପିଛା ସର୍କାର୍ ହଜାରେ ଟଙ୍କା ଦେଇଛନ୍ । ୟୁନିଫର୍ମ ବାଂଟ୍ବାର୍ ଲାଗି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍କୁଲ୍ ପରିଚାଳନା କମିଟିକେ ଦାୟିତ୍ୱ ଦିଆଯାଇଛେ ଆଉ ଇସବୁ କାମ୍ର ତଦାରଖ୍ ଲାଗି ଜିଲ୍ଲାପାଳ୍ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ କମିଟି ଭିଲ୍ ଗଠନ୍ କରାଯାଇଛେ ।

ସମ୍ବଲ୍ପୁର୍ ବିଶ୍ୱବିଦ୍ୟାଳୟ ପୁରସ୍କାର୍      ଆର୍ଏନ୍ୟୁ/ ସମ୍ବଲପୁର

ଭାରତୀୟ ଖାଦ୍ୟ ନିରାପତା ମାନକ ପ୍ରାଧିକରଣ୍ -ଏଫ୍ଏସ୍ଏସ୍ଏଆଇ - ଖାଦ୍ୟ ସୁରକ୍ଷା ଆଉ ସାଫ୍ସୁତ୍ରା କ୍ଷେତ୍ରଥି ସମ୍ବଲ୍ପୁର୍ ବିଶ୍ୱବିଦ୍ୟାଳୟ କେମ୍ପସ୍କେ ଇ-ଟ୍ରାଇଟ୍ କେମ୍ପସ୍ ଭାବେ ସ୍ୱୀକୃତି ଦେଇଛେ । କେମ୍ପସ୍ ଭିତ୍ରେ ମିଳୁଥିବା ଖାଏବାର୍ ଦରବ୍ର ଗୁଣାବତା ସାଫସୁତର୍କେ

ନଜରଥି ରଖିକରି ପ୍ରାଧିକରଣ୍ ତର୍‌ଫୁ ପ୍ରମାଣ୍‌ପତ୍ର ଦିଆଯାଇଛେ । ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟକେ ଇ ସଫଳତା ବାବ୍‌ଦେ ମହାନଗର୍ ନିଗମ୍ ତର୍‌ଫୁ ସାମାଜିକ୍ ଗଣମାଧ୍ୟମ୍‌ଥି ସୂଚ୍‌ନା ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ କମ୍‌ବାର୍‌ଥି ଲାଗିଛେ । ଆଏବା ୩ ଦିନ୍‌ତକ୍ ପାଗ୍ ଏନ୍ତା ରହେବା । ତାର୍ ଉତ୍‌ରୁ ରାତିର ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ କମ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା କାଏଲ୍ ସୁନ୍ଦର୍‌ଗଡ଼୍ ସହେତେ ୧୧ ଟା ଜିଲ୍ଲା ନ ହାଲ୍‌କା ନୁ ମଧ୍ୟମ୍ କୁହୁଡ଼ି ହେବା ବଲି ପାଣିପାଗ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।